# NATIONAL NEWS BULLETIN (ODIA)
## 21 March - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଉତ୍ତମ ସ୍ୱାସ୍ଥ୍ୟସେବା, ମେଡିକାଲ୍ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଏମସ୍ ବିଶ୍ୱ ସ୍ତରରେ ଏକ ସମ୍ମାନଜନକ ସ୍ଥାନ ହାସଲ କରିପାରିଛି, କହିଲେ ରାଷ୍ଟ୍ରପତି ।
- ଦେଶରେ କୋଇଲା ଉତ୍ପାଦନ ୧୦୦ କୋଟି ଟନ୍ ଅତିକ୍ରମ କରିବା ଦ୍ୱାରା ଶକ୍ତି ସୁରକ୍ଷା କ୍ଷେତ୍ରରେ ଭାରତର ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି, କହିଛନ୍ତି ପ୍ରଧାନମନ୍ତ୍ରୀ ।
- କେନ୍ଦ୍ରର ଏନ୍.ଡି.ଏ. ସରକାର ସନ୍ତ୍ରାସବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ବୋଲି ରାଜ୍ୟସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସୂଚନା ।
- ଜଳଜୀବନ ମିଶନ୍ ଅଧୀନରେ ଦେଶରେ ସାଢ଼େ ୧୫ କୋଟିରୁ ଊର୍ଦ୍ଧ୍ୱ ଗ୍ରାମାଞ୍ଚଳ ପରିବାରଙ୍କୁ ପାଇପ୍ ଯୋଗେ ଯୋଗାଇ ଦିଆଯାଇଛି ପାନୀୟ ଜଳ ।

ଏବଂ

- ଆମେରିକାରେ ବେଆଇନ୍ ଭାବେ ରହୁଥିବା ଭାରତୀୟଙ୍କୁ ସ୍ୱଦେଶ ପଠାଇବା ସମୟରେ ସେମାନଙ୍କ ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ କରିବା ଉପରେ ଭାରତର ଗୁରୁତ୍ୱାରୋପ ।

## ରାଷ୍ଟ୍ରପତି-ଏମସ୍

ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହିତ ମେଡିକାଲ୍ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଅଖିଳ ଭାରତୀୟ ଭେଷଜ ବିଜ୍ଞାନ ପ୍ରତିଷ୍ଠାନ – ଏମସ୍ ବିଶ୍ୱ ସ୍ତରରେ ଏକ ସମ୍ମାନଜନକ ସ୍ଥାନ ହାସଲ କରିପାରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତ ଏମସ୍‌ର ୪୯ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଏଠାକୁ ଚିକିତ୍ସା ଲାଗି ଆସୁଥିବା ଲକ୍ଷ ଲକ୍ଷ ରୋଗୀଙ୍କ ଲାଗି ଏମସ୍ ଆଶାର ପ୍ରତୀକ ଭାବେ ଉଭା ହୋଇଛି । ରୋଗୀମାନଙ୍କ ପ୍ରତି ନିଜର ପ୍ରତିଶ୍ରୁତିବଦ୍ଧତାକୁ ନିଷ୍ଠାର ସହ ପାଳନ କରିଆସିଥିବାରୁ ଗତ ୬୯ ବର୍ଷ ଧରି ଏମସ୍ ଚିକିତ୍ସା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏହି ପ୍ରତିଷ୍ଠାନରେ ସବୁ ବର୍ଗର ରୋଗୀଙ୍କୁ ଉଭୟ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ସେବା କରିଥାନ୍ତି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

# ପିଏମ୍-କୋଲ୍ ପ୍ରଡକସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ ଏକ ବିଲିୟନ୍ ଟନ୍ କୋଇଲା ଉତ୍ପାଦନ ଅତିକ୍ରମ କରିଥିବାରୁ ପ୍ରଶଂସା କରିଛନ୍ତି । ଏହାକୁ ମାଇଲ୍ ଖୁଣ୍ଟ ଭାବେ ପ୍ରଧାନମନ୍ତ୍ରୀ ଅଭିହିତ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛନ୍ତି । ସେ କହିଛନ୍ତି, ଏହା ଶକ୍ତି ସୁରକ୍ଷା, ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଏହି ସଫଳତା ଏ କ୍ଷେତ୍ର ସହିତ ଜଡ଼ିତ । ସମସ୍ତ ଲୋକଙ୍କ ଉତ୍ସର୍ଗିକୃତ ଏବଂ କଠିନ ପରିଶ୍ରମକୁ ମଧ୍ୟ ପ୍ରତିଳଫଳିତ କରେ ବୋଲି ଶ୍ରୀ ମୋଦୀ କହିଛନ୍ତି ।  ଏହା ପୂର୍ବରୁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଥିଲେ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷ ପଦ୍ଧତି ସହିତ ଭାରତ କେବଳ କୋଇଲା ଉତ୍ପାଦନ ବୃଦ୍ଧି କରିନାହିଁ ବରଂ ସ୍ଥାୟୀ ଏବଂ ଦାୟିତ୍ୱବାନ ଖନନକୁ ମଧ୍ୟ ସୁନିଶ୍ଚିତ କରିଛି । ସେ କହିଛନ୍ତି, ଏହି ସଫଳତା ଦେଶର ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ଇନ୍ଧନ ଯୋଗାଇଦେବା ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ମଧ୍ୟ ତ୍ୱରାନ୍ୱିତ କରିବ । ଏହି ଉତ୍ପାଦନ ଦ୍ୱାରା ନାଗରିକମାନଙ୍କ ପାଇଁ ମଧ୍ୟ ଏକ ଉଜ୍ୱଳ ଭବିଷ୍ୟତ ସୁନିଶ୍ଚିତ ହୋଇପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଅମିତ ଶାହା

ନରେନ୍ଦ୍ର ମୋଦୀଙ୍କ ସରକାର ସନ୍ତ୍ରାସବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ରାଜ୍ୟସଭାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କାର୍ଯ୍ୟଶୈଳୀ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଏନ୍.ଡି.ଏ. ସରକାରଙ୍କ ଅମଳରେ ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦ ଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୭୦ ପ୍ରତିଶତ ହ୍ରାସ ପାଇଛି । ଏଥିସହିତ ସେଠାରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ବୋଲି ସେ କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଦେଶର ସୁରକ୍ଷା ବ୍ୟବସ୍ଥାକୁ ଉଭୟ ରାଜନୈତିକ ବ୍ୟବସ୍ଥା ଏବଂ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ସଶକ୍ତ କରିଛନ୍ତି ।

ଦେଶର ବିକାଶ ଏବଂ ପ୍ରଗତି ପଥରେ ଦେଖାଦେଇଥିବା ବିଭିନ୍ନ ବାଧା ସମ୍ପର୍କରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ଏବଂ ଉତ୍ତର ପୂର୍ବାଞ୍ଚଳରେ ବାମପନ୍ଥୀ ଉଗ୍ରବାଦ ଓ ବିଦ୍ରୋହ ତନ୍ମଧ୍ୟରୁ ଅନ୍ୟତମ । ତେବେ ସରକାର ଏହିସବୁ ଆହ୍ୱାନକୁ ଦୃଢ଼ ହସ୍ତରେ ଦମନ କରିବା ଲାଗି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି ।

ସେହିଭଳି ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି  ମୋଦୀ ସରକାର ସମ୍ବିଧାନ ପ୍ରଣେତାଙ୍କ ସ୍ୱପ୍ନ 'ଏକ ସମ୍ବିଧାନ ଏକ ପତାକା' ପ୍ରସଙ୍ଗକୁ ସାକାର କରିବାରେ ସଫଳ ହୋଇଛନ୍ତି ।  ପୂର୍ବରୁ ସନ୍ତ୍ରାସବାଦ ଆକ୍ରମଣ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଦୃଷ୍ଟିରୁ ଜନସାଧାରଣ ତାହାକୁ ଭୁଲି ଯାଉଥିଲେ । ମାତ୍ର ବର୍ତ୍ତମାନର କ୍ଷମତାସୀନ ସରକାରଙ୍କ ଅମଳରେ ଉରି ଓ ପୁଲଓ୍ୱାମା ସନ୍ତ୍ରାସବାଦ ଆକ୍ରମଣର ୧୦ ଦିନ ମଧ୍ୟରେ ପାକିସ୍ତାନ ବିପକ୍ଷରେ ଭାରତ ସର୍ଜିକାଲ୍ ଷ୍ଟ୍ରାଇକ୍ ଏବଂ ଆକାଶ ମାର୍ଗରୁ ଆକ୍ରମଣ କରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

**V/O**

ଆଗାମୀ ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ହେବ ବୋଲି ଶ୍ରୀ ଶାହା ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି । ସେ କହିଛନ୍ତି, ନକ୍ସଲ ପ୍ରଭାବିତ ଅଞ୍ଚଳ ଗୁଡ଼ିକୁ ଇଣ୍ଟରନେଟ୍ ଉପଲବ୍ଧ କରାଇବା ସହିତ ସଡ଼କ ସଂଯୋଗୀକରଣ ବ୍ୟବସ୍ଥାକୁ ମଧ୍ୟ ଉନ୍ନତିକରଣ କରାଯାଇଛି । ସେହିସବୁ ଅଞ୍ଚଳରେ ନୂତନ ବ୍ୟାଙ୍କ୍ ଓ ଏଟିଏମ୍‌ମାନ ଖୋଲାଯାଇଛି । ଶ୍ରୀ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ସରକାର କ୍ଷମତାକୁ ଆସିବା ପରେ ଉତ୍ତର ପୂର୍ବାଞ୍ଚଳରେ ସକ୍ରିୟ ଥିବା ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀଙ୍କ ସହିତ ସକାରାତ୍ମକ ଆଲୋଚନା କରିଛନ୍ତି । ଏହାର ଫଳ ସ୍ୱରୂପ ୨୦୧୯ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀଙ୍କ ସହ ୧୨ଟି ଗୁରୁତ୍ୱପୂର୍ଣ୍ଣ ଶାନ୍ତି ରାଜିନାମା ସ୍ୱାକ୍ଷରିତ ହୋଇଛି । ଇତିମଧ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ଅସ୍ତ୍ରଶସ୍ତ୍ର ତ୍ୟାଗ

କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## ଏଲ୍ଏସ୍-ଜଳ ଶକ୍ତି

ଜଳଜୀବନ ମିଶନ୍ ଅଧୀନରେ ଏ ପର୍ଯ୍ୟନ୍ତ ଦେଶରେ ୧୫ କୋଟି ୫୨ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମାଞ୍ଚଳ ପରିବାରବର୍ଗଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଛି । ଆଜି ଲୋକସଭାରେ ଜଳଶକ୍ତି ମନ୍ତ୍ରଣାଳୟର ଖର୍ଚ୍ଚ ଅନୁଦାନ ସମ୍ପର୍କିତ ଆଲୋଚନାର ଉତ୍ତର ଦେଇ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ୨୦୧୯ ମସିହାରେ ଜଳଜୀବନ ମିଶନ୍ ଆରମ୍ଭ ହେବା ସମୟରେ ଦେଶବ୍ୟାପି ପ୍ରାୟ ୩ କୋଟି ଗ୍ରାମାଞ୍ଚଳ ପରିବାରବର୍ଗଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ଗତ ୬ ବର୍ଷ ମଧ୍ୟରେ ଟେଷ୍ଟ କିଟ୍ ମାଧ୍ୟମରେ ଜଳ ନମୁନା ପରୀକ୍ଷା କରିବା ଲାଗି ୫ଲକ୍ଷ ଗ୍ରାମର ପ୍ରାୟ ୨୫ ଲକ୍ଷ ମହିଳାଙ୍କୁ ତାଲିମ୍ ପ୍ରଦାନ କରାଯାଇଛି ।

ଯଦି ଦେଶର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଥାନ୍ତା ତେବେ ବାର୍ଷିକ ପ୍ରାୟ ୧ଲକ୍ଷ ୩୬ ହଜାର ଶିଶୁ ମୃତ୍ୟୁକୁ ମଧ୍ୟ ଏହାଦ୍ୱାରା ରୋକାଯାଇ ପାରିଥାନ୍ତା ବୋଲି ଜଳଶକ୍ତି ମନ୍ତ୍ରୀ କହିଛନ୍ତି । ଏହାଛଡ଼ା ପୂର୍ବ ୟୁ.ପି.ଏ. ସରକାରଙ୍କ ତୁଳନାରେ ବର୍ତ୍ତମାନର ନରେନ୍ଦ୍ର

ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ପାନୀୟଜଳ ଏବଂ ଏହାର ଆନୁସଙ୍ଗୀକ କ୍ଷେତ୍ର ଲାଗି ବଜେଟ୍ ବ୍ୟୟବରାଦ ପ୍ରାୟ ୪ ଗୁଣା ଅଧିକ କରିଛନ୍ତି ବୋଲି ଶ୍ରୀ ପାଟିଲ୍ କହିଛନ୍ତି ।

## ଏଲ୍ଏସ୍-ୟୁଏସ୍

ଯୁକ୍ତରାଷ୍ଟ୍ର ଆମେରିକାରେ ବେଆଇନ୍ ଭାବେ ରହୁଥିବା ଭାରତୀୟଙ୍କୁ ସ୍ୱଦେଶ ପଠାଇବା ସମୟରେ ସେମାନଙ୍କ ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ କରିବା ଉପରେ ଭାରତ ଗୁରୁତ୍ୱାରୋପ କରିଛି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଏହା କହିଛନ୍ତି ।

ଗତମାସ ୫ ତାରିଖରେ ଆମେରିକାରୁ ଅନୁରୂପ ଭାବେ ଭାରତ ପଠାଯାଇଥିବା ଯାତ୍ରୀମାନଙ୍କ ପ୍ରତି ସେଠାକାର କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ବ୍ୟବହାରକୁ ନେଇ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିବା ସହିତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଏକ ସୁରକ୍ଷିତ, ବ୍ୟବସ୍ଥିତ ତଥା ଆଇନ୍‌ଗତ ଯାତାୟତ ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଛନ୍ତି । ବେଆଇନ୍ ଭାବେ ଅବସ୍ଥାନ ବିରୁଦ୍ଧରେ ଭାରତ ସର୍ବଦା ନିଜର

ଦୃଢ଼ ପ୍ରତିବାଦ ଜଣାଇ ଆସିଛି । ତେବେ ସେମାନଙ୍କୁ ସ୍ୱଦେଶ ପଠାଇବା ସମୟରେ ମାନବୀୟ ବ୍ୟବହାର ପ୍ରଦର୍ଶନ ଉପରେ ଭାରତ ଗୁରୁତ୍ୱାରୋପ କରିଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

# ଆର୍‌ଏସ୍-ଫରେନ୍ ରିଲେସନ୍

ଭାରତ ବିଶ୍ୱର ଦକ୍ଷିଣ ଓ ଉତ୍ତରାଞ୍ଚଳର ୩୦ରୁ ଅଧିକ ଦେଶ ସହିତ ରଣନୈତିକ ଭାଗିଦାରୀ ପ୍ରତିଷ୍ଠା କରିବା ସହ ଏହାକୁ ଅଧିକ ସଶକ୍ତ କରିଛି । ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ପବିତ୍ର ମାର୍ଗାରିଟା ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏକ ସଶକ୍ତ ଦ୍ୱିପକ୍ଷିୟ ଭାଗିଦାରୀ ବ୍ୟତୀତ ଭାରତ ସରକାର ଆଞ୍ଚଳିକ ତଥା ଆନ୍ତର୍ଜାତିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ଲାଗି ବିଭିନ୍ନ ବୈଦେଶିକ ନୀତି ପ୍ରଣୟନ କରିଛନ୍ତି ।

ଏହିସବୁ ଦେଶ ଗୁଡ଼ିକ ସହିତ ବାଣିଜ୍ୟ କାରବାର ବୃଦ୍ଧି କରିବା ଲାଗି ଭାରତ ସରକାର ମୁକ୍ତ ବାଣିଜ୍ୟ ରାଜିନାମା ମଧ୍ୟ ସ୍ୱାକ୍ଷର କରିଛନ୍ତି । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଦିଗରେ ଭାରତର ବୈଦେଶିକ ନୀତି  କାର୍ଯ୍ୟକାରି କରାଯାଉଛି ବୋଲି ଶ୍ରୀ ମାର୍ଗାରିଟା କହିଛନ୍ତି ।

# ପର୍ପଲ୍ ଫେଷ୍ଟ–ବୀରେନ୍ଦ୍ର କୁମାର

ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନ ଠାରେ ଦିନିକିଆ 'ପର୍ପଲ୍ ଫେଷ୍ଟ' ଆୟୋଜିତ ହୋଇଯାଇଛି । ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଲାଗି ଏକ ସମାବେଶୀ ପୃଥିବୀ ଗଠନ କରିବା ହେଉଛି ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ । ବିଭାଗୀୟ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଏହାର ଉଦ୍‌ଘାଟନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ । ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଡକ୍ଟର କୁମାର କହିଛନ୍ତି, ୨୦୧୬ ମସିହାରୁ ଦିବ୍ୟାଙ୍ଗ ବ୍ୟକ୍ତି ଅଧିକାର ଆଇନ୍ କାର୍ଯ୍ୟକାରୀ ହେବା ପରଠାରୁ ଏହା ମାଧ୍ୟମରେ ଏହି ବର୍ଗର ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରାଯିବା ସହିତ ସେମାନଙ୍କ ମଧ୍ୟରେ ଆତ୍ମନିର୍ଭରତା ଓ ଦୃଢ଼ ମନୋବଳ ବୃଦ୍ଧି କରାଯାଇପାରିଛି । ଚଳିତ ବର୍ଷ ଏହି ପର୍ପଲ ଫେଷ୍ଟରେ ୬୫ ହଜାର ଦିବ୍ୟାଙ୍ଗଜନ ସେମାନଙ୍କ ନାମ ପଞ୍ଜିକୃତ କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୨୫ ହଜାର ଏଥିରେ ଅଂଶଗ୍ରହଣ କରିଛନ୍ତି ।

ଏହି ଅବସରରେ ଆୟୋଜିତ ଏକ ପ୍ରଦର୍ଶନୀ ତଥା ବିଭିନ୍ନ ଉତ୍ପାଦ ବିକ୍ରି ମେଳାକୁ ମନ୍ତ୍ରୀ ଡକ୍ଟର କୁମାର ପରିଦର୍ଶନ କରିବା ସହିତ ଅଂଶଗ୍ରହଣକାରୀଙ୍କ ସହିତ ଭାବବିନିମୟ କରିଛନ୍ତି ।

# ଡାଉନ୍ ସିଣ୍ଡ୍ରୋମ୍ ଦିବସ

ଆଜି ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସ ପାଳନ କରାଯାଉଛି । ଡାଉନ୍ ସିଣ୍ଡ୍ରୋମ୍ ଥିବା ବ୍ୟକ୍ତିମାନଙ୍କ ପାଇଁ ଦୃଢ଼ ଗୋଷ୍ଠୀ ନେଟ୍‌ୱାର୍କ, ଉନ୍ନତ ଯତ୍ନ ପ୍ରଦାନକାରୀ ସହାୟତା, ସମାବେଶୀ ଶିକ୍ଷା, କାର୍ଯ୍ୟସ୍ଥଳୀ ଅନ୍ତର୍ଭୁକ୍ତିକରଣ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ଉପଲବ୍ଧତାର ଆବଶ୍ୟକତା ଉପରେ ଆଲୋକପାତ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ବିଶ୍ୱସ୍ତରରେ ପାଳନ କରାଯାଉଛି ।  ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସ ୨୦୨୫ର ବିଷୟବସ୍ତୁ ହେଉଛି 'ଆମର ସହାୟତା ବ୍ୟବସ୍ଥାରେ ଉନ୍ନତି ଆଣନ୍ତୁ' । ଡାଉନ୍ ସିଣ୍ଡ୍ରୋମ୍ ଥିବା ଲୋକମାନେ ଯେପରି ସ୍ୱୟଂତା, ମର୍ଯ୍ୟଦା ଏବଂ ନିଜର ପସନ୍ଦ ସହିତ ପୂର୍ଣ୍ଣ ଜୀବନ ବଞ୍ଚିବାକୁ ସକ୍ଷମ ହୁଅନ୍ତି ତାହା ସୁନିଶ୍ଚିତ କରିବା ଉପରେ ଏହି ଦିବସର ବିଶେଷ ଗୁରୁତ୍ୱ ଦିଆଯାଇଛି ।

# ଆଇପିଏଲ୍

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ଅଷ୍ଟାଦଶ ସଂସ୍କରଣ ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ଟି ଦଳ ଭାଗ ନେଉଛନ୍ତି । ଫାଇନାଲ୍ ମ୍ୟାଚ୍‌କୁ ମିଶାଇ ମୋଟ୍ ୭୪ଟି ମ୍ୟାଚ୍ ଏହି ସଂସ୍କରଣରେ ଖେଳାଯିବ । ଏହାର ଫାଇନାଲ୍ ମ୍ୟାଚ୍ ମେ ମାସ ୨୫

ତାରିଖ ରବିବାର ଦିନ କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଅନୁଷ୍ଠିତ ହେବ ।

ଆସନ୍ତାକାଲି କୋଲକାତାଠାରେ ଅନୁଷ୍ଠିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।